# NATIONAL NEWS BULLETIN (ODIA)

## 19 August - 2025

### Morning Bulletin : 7.15 A.M.

************************************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପଗୁଡ଼ିକର କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ
- ବିଶ୍ୱ ଅର୍ଥନୀତିରେ ସ୍ଥିରତା ବଜାୟ ରଖିବା ଏବଂ ଅଭିବୃଦ୍ଧି ହାସଲ ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଗୁରୁତ୍ୱ ପ୍ରଦାନ
- ସେନା କର୍ମଚାରୀଙ୍କୁ ଦୁର୍ବ୍ୟବହାର ମାମଲାରେ ଟୋଲ୍ ଆଦାୟକାରୀ ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ଏନ୍ଏଚ୍ଏଆଇ
- ଗାଜାରେ ଯୁଦ୍ଧ ବିରତି ନେଇ ନୂତନ ପ୍ରସ୍ତାବ ଉପରେ ସହମତି ପ୍ରଦାନ କଲା ହମାସ୍

ଏବଂ

- ଏସୀୟ ସୁଟିଂ ଚମ୍ପିୟାନ୍‌ସିପ୍ ପ୍ରତିଯୋଗିତାର ପ୍ରଥମ ଦିନ ଖେଳ ଶେଷସୁଦ୍ଧା ୫ଟି ପଦକ ହାସଲ କଲା ଭାରତ

## ପିଏମ୍-ହାଇଲେଭ୍‌ଲ୍ ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀଠାରେ ବିଭିନ୍ନ କ୍ଷେତ୍ରରେ ଗ୍ରହଣ କରାଯିବାକୁ ଥିବା ସଂସ୍କାରମୂଳକ ପଦକ୍ଷେପଗୁଡ଼ିକର କାର୍ଯ୍ୟାନ୍ୱୟନ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ଅନୁଷ୍ଠିତ ହୋଇଛି । ସହଜ ଜୀବନଧାରଣ, ବ୍ୟାବସାୟିକ କ୍ଷେତ୍ରରେ ସହଯୋଗ ଏବଂ ସାମଗ୍ରିକ ସମୃଦ୍ଧିକୁ ପ୍ରୋତ୍ସାହନ ପ୍ରଦାନ କରିବା ଆଦି ବିଭିନ୍ନ କ୍ଷେତ୍ରରେ ଗ୍ରହଣ କରାଯିବାକୁ ଥିବା ସଂସ୍କାରମୂଳକ ପଦକ୍ଷେପ ଗୁଡ଼ିକ ଉପରେ ବୈଠକରେ ଆଲୋଚନା ହୋଇଛି ।

ଏ କ୍ଷେତ୍ରରେ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ଗୁଡ଼ିକ ସଂପର୍କରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ପ୍ରଧାନମନ୍ତ୍ରୀଙ୍କୁ ସୂଚନା ପ୍ରଦାନ କରିଥିଲେ । ବୈଠକ ପରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ବିକାଶମୂଳକ କାର୍ଯ୍ୟର କାର୍ଯ୍ୟକାରିତା ନେଇ ସରକାର ପ୍ରତିଶ୍ରୁତିବଦ୍ଧ ।

ପ୍ରଧାନମନ୍ତ୍ରୀ  ତାଙ୍କ ସ୍ୱାଧୀନତା ଦିବସ ଅଭିଭାଷଣରେ ଜିଏସଟି ସଂସ୍କାର, ଟିକସ ହ୍ରାସ ଉପରେ ଗୁରୁତ୍ୱାରୋପ କରିଥିଲେ । **V/O**

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ, କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବାଣିଜ୍ୟମନ୍ତ୍ରୀ ପିୟୁଷ ଗୋୟଲ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ ।

## ଇଏଏମ୍-ଟେରରିଜମ୍

ସାଂପ୍ରତିକ ବୈଶ୍ୱିକ ପରିସ୍ଥିତିରେ ବିଶ୍ୱ ଅର୍ଥନୀତିରେ ସ୍ଥିରତା ବଜାୟ ରଖିବା ଏବଂ ଅଭିବୃଦ୍ଧି ହାସଲ ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଗୁରୁତ୍ୱ ପ୍ରଦାନ କରିଛନ୍ତି । ଭାରତ ଏକ ନିରପେକ୍ଷ, ସନ୍ତୁଳିତ ଏବଂ ବହୁପକ୍ଷୀୟ ବିଶ୍ୱ ବ୍ୟବସ୍ଥା ଉପରେ ଆଲୋକପାତ କରେ ବୋଲି ସେ କହିଛନ୍ତି । ଭାରତ ଗସ୍ତରେ ଥିବା ଚୀନ୍ ବୈଦେଶିକମନ୍ତ୍ରୀ ୱାଙ୍ଗ୍ ୱି ଙ୍କ ସହ

ଆଲୋଚନା କାଳରେ ଡକ୍ଟର ଜୟଶଙ୍କର' ଆତଙ୍କବାଦ ବିରୁଦ୍ଧରେ ପଦକ୍ଷେପକୁ ଭାରତ ସର୍ବଦା ପ୍ରାଥମିକତା ପ୍ରଦାନ କରିଥାଏ ବୋଲି କହିଛନ୍ତି । ଅର୍ଥନୈତିକ, ବାଣିଜ୍ୟିକ, ତୀର୍ଥଯାତ୍ରା, ଲୋକସଂପର୍କ, ସୀମା ସୁରକ୍ଷା ଏବଂ ସଂଯୋଗୀକରଣ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି ।ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ-ଚୀନ ସଂପର୍କ ୩ଟି ବିନ୍ଦୁ ଉପରେ ମୁଖ୍ୟତଃ ପରିଚାଳିତ ହୋଇଥାଏ । ସେଗୁଡ଼ିକ ହେଉଛି- ପାରସ୍ପରିକ ସମ୍ମାନ, ପାରସ୍ପରିକ ସମ୍ବେଦନଶୀଳତା ଏବଂ ପାରସ୍ପରିକ ସ୍ୱାର୍ଥ । ସେ କହିଛନ୍ତି ମତଭେଦ ବିବାଦୀୟ କିମ୍ବା ସଂଘର୍ଷରେ ପରିଣତ ହେବା ଉଚିତ ନୁହେଁ । ସୀମାପାର ଆତଙ୍କବାଦକୁ ପ୍ରତିହତ କରିବା ପାଇଁ ଭାରତ ପ୍ରୟାସ ଜାରି ରଖିଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ଏହି ଆଲୋଚନା ଏକ ସ୍ଥିର, ସହଯୋଗୀପୂର୍ଣ୍ଣ ଏବଂ ଭବିଷ୍ୟତ ଦୃଢ଼ ସଂପର୍କ ଗଠନରେ ସହାୟକ ହେବ ବୋଲି ଡକ୍ଟର ଆଶା ବ୍ୟକ୍ତ କରିଛନ୍ତି ।

ଚୀନ୍ ବୈଦେଶିକ ମନ୍ତ୍ରୀ ଦୁଇଦିନିଆ ଭାରତ ଗସ୍ତରେ ଆସି ଗତକାଲି ଅପରାହ୍ନରେ ନୂଆଦିଲ୍ଲୀରେ ପହଞ୍ଚିଥିଲେ । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ଆମନ୍ତ୍ରଣକ୍ରମେ ଶ୍ରୀ ୱାଙ୍ଗ୍ ୱି ଙ୍କ ସହିତ ଏକ ପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସିଛନ୍ତି ।

## ଏନ୍‌ଏଚ୍‌ଏଆଇ-ଟୋଲ୍ ପ୍ଲାଜା

ସେନା କର୍ମଚାରୀଙ୍କ ସହ ଦୁର୍ବ୍ୟବହାର ପ୍ରଦର୍ଶନ ମାମଲାରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ-ଏନ୍‌ଏଚ୍‌ଏଆଇ ଟୋଲ୍ ଆଦାୟ ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଆଦାୟକାରୀ ସଂସ୍ଥା ଉପରେ ୨୦ଲକ୍ଷ ଟଙ୍କା ଜୋରିମାନା ଧାର୍ଯ୍ୟ କରାଯାଇଛି । ମିରଟ କର୍ଣ୍ଣାଲ ରାଜପଥର

ଭୂନି ଟୋଲ୍‌ପ୍ଲାଜ୍‌ଠାରେ ଆଦାୟକାରୀ ସଂସ୍ଥାର କର୍ମଚାରୀ ସେନା କର୍ମଚାରୀଙ୍କ ବିରୁଦ୍ଧରେ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ଆଧାରରେ ଏନ୍‌ଏଚ୍‌ଏଆଇ ଏହି ପଦକ୍ଷେପ ଗ୍ରହଣ କରିଛି । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ କହିଛି, ଚୁକ୍ତିନାମା ଉଲ୍ଲଂଘନ, ପରିଚାଳନାରେ ବିଶୃଙ୍ଖଳା ଏବଂ କର୍ମଚାରୀଙ୍କ ଆଚରଣକୁ ନିୟନ୍ତ୍ରଣ କରିବାରେ ଆଦାୟକାରୀ ସଂସ୍ଥା ବିଫଳ ହୋଇଛି । ଭବିଷ୍ୟତରେ ଏଭଳି ପରିସ୍ଥିତି ପୁନଃ ସୃଷ୍ଟି ହେଲେ ଆଦାୟକାରୀ ସଂସ୍ଥା ବିରୁଦ୍ଧରେ ଚୁକ୍ତିନାମା ବାତିଲ କରାଯିବାକୁ ପଦକ୍ଷେପ ନିଆଯିବ ବୋଲି ଏନ୍‌ଏଚଏଆଇ କହିଛି ।

## ହମାସ୍-ଗାଜା ସିସ୍‌ଫାୟାର

ଗାଜାରେ ଯୁଦ୍ଧ ବିରତି ନେଇ ନୂତନ ପ୍ରସ୍ତାବ ଗ୍ରହଣ କରାଯାଇଛି ବୋଲି ହମାସ୍ ନିଶ୍ଚିତ କରିଛି । ଗାଜା ସହର ଉପରେ ଇସ୍ରାଏଲ୍‌ର ସମ୍ଭାବ୍ୟ ଆକ୍ରମଣ ଯୋଜନା ପରିପ୍ରେକ୍ଷୀରେ କାତାର ଏବଂ ଇଜିପ୍ଟର ମଧ୍ୟସ୍ଥିରେ ଯୁଦ୍ଧ ବିରତି ନେଇ ଆଲୋଚନା ହୋଇଛି । ଏକ ବିବୃତିରେ ହମାସ୍ କହିଛି, ଗତ ରବିବାର ଉପସ୍ଥାପିତ ପ୍ରସ୍ତାବରେ ହମାସ୍ ସହମତି ପ୍ରକାଶ କରିଛି । ହମାସ୍ ପଲିଟିକାଲ୍ ବ୍ୟୁରୋର ବରିଷ୍ଠ ଅଧିକାରୀ ବାସେମ ନଇମ ପାଲେଷ୍ଟାଇନ୍ ଲୋକଙ୍କ ଉପରେ ଯୁଦ୍ଧର ପ୍ରଭାବ ଶୀଘ୍ର ସମାପ୍ତ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି । କାତାର ଏବଂ ଇଜିପ୍ଟ ଦ୍ୱାରା ଉପସ୍ଥାପିତ ନୂତନ ପ୍ରସ୍ତାବକୁ ଗ୍ରହଣ କରାଯାଇଛି । ଜଣେ ବରିଷ୍ଠ ହମାସ୍ ନେତା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଇସ୍ରାଏଲ୍‌ର ୧୦ଜଣ ଜୀବିତ ପଣବନ୍ଦୀ ଏବଂ ୧୮ ଜଣ ମୃତକଙ୍କ ବଦଳରେ

ପାଲେଷ୍ଟାଇନ୍ ମହିଳା ଏବଂ ନାବାଳକଙ୍କ ସମେତ କାରାବାସରେ ଥିବା ୨୦୦ ଜଣ କଏଦୀଙ୍କୁ ଇସ୍ରାଏଲ୍ ମୁକ୍ତ କରିବ ।

ଅନ୍ୟପକ୍ଷରେ ଇସ୍ରାଏଲ କହିଛି ମଧ୍ୟସ୍ଥିଙ୍କ ମାଧ୍ୟମରେ ଯୁଦ୍ଧ ବିରତି ନେଇ ହମାସର ପ୍ରତିକ୍ରିୟା ସଂପର୍କିତ ଖବର ହସ୍ତଗତ ହୋଇଛି ।

## ଟ୍ରମ୍ପ-ଜେଲେନସ୍କି

ୟୁକ୍ରେନ୍ ସଂଘର୍ଷ ଶେଷ କରିବା ଲକ୍ଷ୍ୟ ନେଇ ଉଭୟ ରୁଷ ଏବଂ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ମଧ୍ୟରେ ମୁହାଁମୁହିଁ ଆଲୋଚନା କରିବା ପାଇଁ ବ୍ୟବସ୍ଥା କରିବେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ହ୍ୱାଇଟ୍‌ହାଉସ୍‌ଠାରେ ଗତରାତିରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦୋମିର ଜେଲେନ୍‌ସ୍କି ଏବଂ ଅନ୍ୟ ୟୁରୋପୀୟ ନେତାମାନଙ୍କୁ ଆତିଥ୍ୟ ଦେବା ପରେ ଶ୍ରୀ ଟ୍ରମ୍ପ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀ ଟ୍ରମ୍ପ କହିଛନ୍ତି, ରୁଷ ଏବଂ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ମଧ୍ୟରେ ବୈଠକ ପାଇଁ ସ୍ଥାନ ନିରୂପଣ ଉପରେ ପଦକ୍ଷେପ ଗ୍ରହଣ କରାଯାଇଛି । ପୁଟିନ-ଜେଲେନ୍‌ସ୍କି କଥାବାର୍ତ୍ତା ପରେ ଆମେରିକା ସହ ଦୁଇ ନେତାଙ୍କ ଆଲୋଚନାକୁ ନେଇ ଏକ ତ୍ରିପାକ୍ଷିକ ଶିଖର ସମ୍ମିଳନୀ ଆୟୋଜନ କରାଯିବ ବୋଲି ଶ୍ରୀ ଟ୍ରମ୍ପ ଘୋଷଣା କରିଛନ୍ତି ।

## ଜେକେ-ଫ୍ଲଡ୍

ଜାମ୍ମୁ କାଶ୍ମୀରର ପ୍ରବଳ ବର୍ଷା ଜନିତ ପରିସ୍ଥିତି ପ୍ରଭାବିତ କିସ୍ତଓ୍ୱାର ଜିଲ୍ଲାର ଚିଶୋଟି ଗ୍ରାମରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଗତକାଲି ପଞ୍ଚମଦିନ ପାଇଁ ଜାରି ରହିଥିଲା। ଗତ ସପ୍ତାହରେ ପ୍ରବଳ ବର୍ଷା ଜନିତ ବନ୍ୟା ଏବଂ

ଭୂସ୍ଖଳନରେ ପ୍ରଭାବିତ ଲୋକଙ୍କ ଉଦ୍ଧାର କାର୍ଯ୍ୟ ଚାଲିଛି । ଆମ ଜାମ୍ମୁ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ମୃତ୍ୟୁସଂଖ୍ୟା ୬୨କୁ ବୃଦ୍ଧି ପାଇଛି । ୪୧ ଜଣ ଏବେ ମଧ୍ୟ ନିଖୋଜ ଥିବା ଜଣାପଡ଼ିଛି । ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଉଦ୍ଧାରକାରୀ ଦଳଗୁଡ଼ିକ ଆଶଙ୍କା ବ୍ୟକ୍ତ କରିଛନ୍ତି । ଜାମ୍ମୁର ବହୁ ବରିଷ୍ଠ ସୁରକ୍ଷା ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟର ସମୀକ୍ଷା କରୁଛନ୍ତି । ପ୍ରଭାବିତ ଅଞ୍ଚଳରେ ସେନାପକ୍ଷରୁ ଏକ ବେଲି ବ୍ରିଜ୍ ନିର୍ମାଣ କାର୍ଯ୍ୟ ଶେଷ କରାଯାଇଛି । ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ଏହା ବିଶେଷ ସହାୟକ ହେବ। ସେନା, ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍, ପୋଲିସ୍ ବାହିନୀ, ସିଆଇଏସ୍‌ଏଫ୍ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସାମିଲ ହୋଇଛନ୍ତି ।

# ପିଏମ୍ ବିକ୍‌ସିତ୍ ଭାରତ ରୋଜଗାର ପୋର୍ଟାଲ୍

ଦେଶରେ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ପୋର୍ଟାଲ୍ କାର୍ଯ୍ୟକ୍ଷମ ହୋଇଛି । ଏହି ଯୋଜନା ଅଧୀନରେ ବିଭିନ୍ନ କମ୍ପାନୀରେ ପ୍ରଥମଥର ପାଇଁ ନିଯୁକ୍ତି ପାଇଥିବା ଯୁବବର୍ଗଙ୍କୁ ୧୫ ହଜାର ଟଙ୍କାର ପ୍ରୋତ୍ସାହନମୂଳକ ରାଶି ପ୍ରଦାନ କରାଯିବ । ଦୁଇଟି ପର୍ଯ୍ୟାୟରେ ଏହି ରାଶି ନିଯୁକ୍ତଙ୍କୁ ପ୍ରଦାନ କରାଯିବ । ଅନ୍ୟ ପକ୍ଷରେ ନିଯୁକ୍ତି ସୁଯୋଗ ପ୍ରଦାନ କରିଥିବାରୁ କମ୍ପାନୀକୁ ପ୍ରତି ନବନିଯୁକ୍ତଙ୍କ କ୍ଷେତ୍ରରେ ମାସିକ ତିନି ହଜାର ଟଙ୍କା ଲେଖାଏଁ କମ୍ପାନୀକୁ ପ୍ରଦାନର ବ୍ୟବସ୍ଥା ରହିଛି ।

ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲ୍‌କିଲ୍ଲାରୁ ଏହି ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ । ଆସନ୍ତା ଦୁଇ

ବର୍ଷ ମଧ୍ୟରେ ସାଢ଼େ ତିନିକୋଟିରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାରେ ଏହି ଯୋଜନା ସହଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ବିଭିନ୍ନ କ୍ଷେତ୍ରରେ ସାମାଜିକ ସୁରକ୍ଷା, ନିର୍ମାଣ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ, ଯୁବବର୍ଗଙ୍କ ପାଇଁ ନିରନ୍ତର ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏହି ଯୋଜନା ଆରମ୍ଭ କରାଯାଇଛି । ନିଯୁକ୍ତିଦାତା ଏହି ଯୋଜନାର ପୋର୍ଟାଲ୍‌ରେ ପଞ୍ଜିକରଣ କରିବାକୁ ପରାମର୍ଶ ଦିଆଯାଇଛି ।

## ସ୍ପୋର୍ଟସ୍ ରାଉଣ୍ଡଅପ୍

ଖେଳ ଖବରରେ ଶୁଣନ୍ତୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ସଂପର୍କିତ ଏକ ରିପୋର୍ଟ:

ଭାରତର ଗିରିଶ ଗୁପ୍ତା ଏସୀୟ ସୁଟିଂ ଚମ୍ପିୟାନ୍‌ସିପ୍ ପ୍ରତିଯୋଗିତାର ୧୦ମିଟର ପୁରୁଷ ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । କାଜାଖସ୍ତାନର ସିମ୍‌କେଣ୍ଟ ଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ଶ୍ରୀ ଗୁପ୍ତା ଫାଇନାଲ୍ ପର୍ଯ୍ୟାୟରେ ୨୪୧ ଦଶମିକ ୩ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣପଦକ ଜିତିଛନ୍ତି। ଦେବ ପ୍ରତାପ ୨୩୮ ଦଶମିକ ୬ ପଏଣ୍ଟ ପାଇ ରୌପ୍ୟ ପଦକ ହାସଲ କରିଛନ୍ତି । ପ୍ରତିଯୋଗିତାର ପ୍ରଥମ ଦିନରେ ଭାରତ ୨ଟି ସ୍ୱର୍ଣ୍ଣ ଏବଂ ୩ଟି ରୌପ୍ୟ ପଦକ ହାସଲ କରିଛି । ଜୁନିୟର୍ ପୁଲିସ୍ ଏୟାର ପିସ୍ତଲ ବର୍ଗରେ ଭାରତର କପିଲ ବୈନ୍‌ଶଲା ସ୍ୱର୍ଣ୍ଣପଦକ ପାଇଛନ୍ତି।

ବିଶ୍ୱର ୨ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି କାର୍ଲୋସ୍ ଆଲ୍‌କାରାଜ ପ୍ରଥମ ସିନ୍‌ସିନାଟି ଓପନ୍ ଟେନିସ୍ ଟାଇଟଲ୍ ହାସଲ କରିଛନ୍ତି । ଓହିଓ ଠାରେ

ଅନୁଷ୍ଠିତ ଫାଇନାଲ୍ ପ୍ରତିଯୋଗିତାରେ ବିଶ୍ୱର ଏକନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଜାନିକ୍ ସିନର୍ ଅସୁସ୍ଥତା କାରଣରୁ ମ୍ୟାଚ୍‌ର ୨୩ ମିନିଟ୍ ପରେ ଓହରିଯିବାରୁ ଆଲ୍‌କାରାଜଙ୍କୁ ବିଜୟୀ ଘୋଷଣା କରାଯାଇଛି ।

କାନାଡାର ୱିନ୍‌ପେଗ୍ ଠାରେ ଆଜିଠାରୁ ବିଶ୍ୱ ଯୁବ ଚମ୍ପିୟାନ୍‌ସିପ୍ ୨୦୨୫ ପ୍ରତିଯୋଗିତା ଆରମ୍ଭ ହେଉଛି । ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଭାରତର ୨୪ ଜଣିଆ ତୀରଚାଳନା ଦଳ ଅଂଶ ଗ୍ରହଣ କରୁଛନ୍ତି ।

ଦକ୍ଷିଣ ଏସୀୟ ବଡ଼ି ବିଲ୍‌ଡିଂ ଏବଂ ଫିଜିକ୍ସ ସ୍ପୋର୍ଟସ୍ ଚମ୍ପିୟାନ୍‌ସିପ୍‌ରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ହାସଲ କରିଥିବା ମହିଳା ଖେଳାଳି ହିଲାଙ୍ଗ ୟାଜିକଙ୍କୁ କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ଶୁଭେଚ୍ଛା ଜଣାଇଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେହୁରା